## ଜୀବାଣୁସାର:

କେତେକ ଜୀବାଣୁ କଲଚର ପ୍ରୟୋଗ ଦ୍ୱାରା ମାଟିରେ ଉର୍ବରତା ବୃଦ୍ଧି ହୁଏ। ଜୀବାଣୁ ସାରର ପ୍ରୟୋଗ ଦ୍ୱାରା ବିଭିନ୍ନ ଫସଲରେ ରାସାୟନିକ ସାରର ଉପଯୋଗ କମିବା ସହିତ ପରିବେଶ ପ୍ରଦୂଷଣ ମଧ୍ୟ ହ୍ରାସ ପାଇଥାଏ। ଏହି ଜୀବାଣୁ ସାର ଗଛର ଖାଦ୍ୟସାର ଯୋଗାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଜୀବାଣୁ ସାର ମୁଖ୍ୟତଃ ଦୁଇ ଶ୍ରେଣୀର ଯଥା- ଯବକ୍ଷାରଜାନ ସାର ବାନ୍ଧି ରଖିପାରୁଥିବା ଜୀବାଣୁ ସାର ଓ ଫସ୍‌ଫରସ୍ ସାର ଦ୍ରବୀଭୂତ କରିପାରୁଥିବା ଜୀବାଣୁ ସାର।

## ଯବକ୍ଷାରଜାନ ବାନ୍ଧି ରଖିପାରୁଥିବା ଜୀବାଣୁ ସାର:

ଏହା ଦୁଇ ପ୍ରକାରର ଯଥା- ଡାଲିଜାତୀୟ ଫସଲ ପାଇଁ ରାଇଜୋବିୟମ୍ ଜୀବାଣୁ ସାର ଓ ଅଣଡାଲି ଜାତୀୟ ଫସଲ ପାଇଁ ଆଜୋଟାବ୍ୟାକ୍ଟର ଓ ଆଜୋସ୍ପିରିଲମ୍ ଜୀବାଣୁ ସାର ବ୍ରବହାର କରାଯାଏ।

## ଫସ୍‌ଫରସ୍ ଦ୍ରବୀଭୂତ କରିପାରୁଥିବା ଜୀବାଣୁ ସାର:

ବାସିଲସ୍ ଓ ସୁଡୋମୋନାସ୍ ଆଦି ଫସ୍‌ପୋ ବ୍ୟାକ୍ଟର ଜାତିର ଜୀବାଣୁ ସାର ମାଟିରେ ଥିବା ଫସ୍‌ଫରସ୍‌କୁ ଦ୍ରବୀଭୂତ କରାଇ ଗଛକୁ ଯୋଗାଇ ଦେଇଥାନ୍ତି। ଏହି ଜାତୀୟ ଜୀବାଣୁ ସାରକୁ ମଞ୍ଜି ଚାରା ଗଛ ଓ ଖତ ସହିତ ମିଶାଇ ଜମିରେ ପ୍ରୟୋଗ କରନ୍ତୁ।

## ଜୀବାଣୁସାର ପ୍ରୟୋଗରେ କେତେକ ତଥ୍ୟ:

- ନିର୍ଦ୍ଦିଷ୍ଟ ଫସଲ ପାଇଁ ନିର୍ଦ୍ଦିଷ୍ଟ ଜୀବାଣୁ ସାର ପ୍ରୟୋଗ କରନ୍ତୁ।
- ଜୀବାଣୁ ସାର ପ୍ରୟୋଗରେ ଶେଷ ତାରିଖ ପ୍ୟାକେଟ୍ ଉପରେ ନିଶ୍ଚୟ ଦେଖନ୍ତୁ।
- ଜୀବାଣୁସାର ଦ୍ୱାରା ବିଶୋଧନ କରାଯାଇଥିବା ମଞ୍ଜିକୁ ସିଧାସଳଖ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବାକୁ ଦିଅନ୍ତୁ ନାହିଁ।
- ମଞ୍ଜି କିମ୍ବା ଚାରା ବିଶୋଧନର ୨-୩ ଘଣ୍ଟା ମଧ୍ୟରେ ଜମିରେ ଲଗାଇ ଦିଅନ୍ତୁ।
- ମାଟିରେ ଯଦି ଜୀବାଣୁ ସାର ପ୍ରୟୋଗ କରିଥାଆନ୍ତି ତେବେ ୨-୩ ଘଣ୍ଟା ମଧ୍ୟରେ ସେଥିରେ ବିହନ ବୁଣି ଦିଅନ୍ତୁ।

## ନୀଳରହିତ ଶୈବାଳ:

ନୀଳରହିତ ଶୈବାଳ ବା ବି.ଜି.ଏ. ଏକ ଶିଉଳି ଜାତୀୟ ଅଣୁଜୀବ। ଏହା ବାୟୁମଣ୍ଡଳର ଯବକ୍ଷାରଜାନକୁ ବାନ୍ଧି ରଖି ଗଛକୁ ଯୋଗାଇଥାଏ। ଏହାକୁ କେବଳ ଧାନ ଚାଷରେ ଜୈବସାର ରୂପେ ବ୍ରବହାର କରାଯାଏ।

## ଆଜୋଲା:

ଧାନ ଫସଲରେ ଆଜୋଲାକୁ ମଧ୍ୟ ସବୁଜ ସାର ଭାବେ ବ୍ରବହାର କରାଯାଏ। ଧାନ ରୋଇବାର ୩-୪ ଦିନ ପରେ ଏକର ପ୍ରତି ୨୦୦ କି.ଗ୍ରା. କଞ୍ଚା ଆଜୋଲା ଛାଡ଼ିଦେଲେ ଏହା ୫ ସପ୍ତାହ ପରେ ୩ ଟନ୍ ପର୍ଯ୍ୟନ୍ତ ହୋଇଯାଏ। ଏଥିରୁ ଏକର ପ୍ରତି ୧୫-୨୦ କି.ଗ୍ରା. ଯବକ୍ଷାରଜାନ ଧାନ ଫସଲକୁ ମିଳିଥାଏ।

**କୃଷି ଏକ ବ୍ୟବସାୟ ନୁହେଁ, ଏହା ଆଗାମୀ ପିଢ଼ି ପାଇଁ ବଳିଦାନ। ଏଣୁ ଜୈବିକ ଚାଷ କରି ମାଟି ମା'ର ଯତ୍ନ ନେବା ଓ ମାନବ ମୁହଁରେ ହସ ଫୁଟାଇବା।**

CHALE CHALO
Let's Move Forward
ସୌଜନ୍ୟ: ଚଲେ ଚଲୋ,
ରଘୁନାଥପୁର ଜଳି, ଭୁବନେଶ୍ୱର
ପିନ୍: ୭୫୪୦୦୫

# ଜୈବିକ ଚାଷର

## ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଲାଭ







## ଜୈବିକ ଚାଷ କ'ଣ ?

ଆଗକାଳରେ ରାସାୟନିକ ଦ୍ରବ୍ୟର ବ୍ୟବହାର ବିନା ଯେଉଁ ପ୍ରକାର ଚାଷ କାର୍ଯ୍ୟ ହେଉଥିଲା ସେହି ପ୍ରକାରର ଚାଷକୁ ବୈଜ୍ଞାନିକ ପ୍ରଣାଳୀରେ କରିବା ହିଁ ଜୈବିକ ଚାଷ । କେଉଁ ଆବହମାନ କାଳରୁ ପୃଥିବୀରେ ଏହି ପଦ୍ଧତିରେ ଫସଲ ଚାଷ କରାଯାଇ ଆସୁଥିଲା । ଏହି ଜୈବିକ ଚାଷ ପ୍ରାକୃତିକ ସମ୍ପଦକୁ ଅବକ୍ଷୟ ଓ ପ୍ରଦୂଷଣମୁକ୍ତ କରି ମାଟିର ଉର୍ବରତା ଏବଂ ଖାଦ୍ୟ ଉତ୍ପାଦନକୁ ଚିରସ୍ଥାୟୀ କରିଥିଲା । ବର୍ତ୍ତମାନ ସେହି ପଦ୍ଧତି ଅନୁସରଣ କରି କରାଯାଉଥିବା ଚାଷ ହିଁ ଜୈବିକ ଚାଷ ଅଟେ ।

## ଜୈବିକ ଚାଷର ଲକ୍ଷ୍ୟ

- ସୁସ୍ଥ ପରିବେଶ ସୃଷ୍ଟି, ଉନ୍ନତମାନର ଖାଦ୍ୟ ଉତ୍ପାଦନ, ପରିବେଶ ସୁରକ୍ଷା
- ମୃତ୍ତିକା ଓ ଜଳ ସଂରକ୍ଷଣ, ସଦା ଉତ୍ପାଦନକ୍ଷମ ଓ ଦୀର୍ଘସ୍ଥାୟୀ ମୃତ୍ତିକା ଗଠନ
- ସୁଷମ ବୃକ୍ଷ ଓ ପ୍ରାଣୀ ଖାଦ୍ୟ ଯୋଗାଣ, ପ୍ରାକୃତିକ ବିବିଧତାକୁ ବଜାୟ ରଖିବା



- ପ୍ରାଣୀ ଓ ଉଦ୍ଭିଦ ବର୍ଜ୍ୟବସ୍ତୁ ସୁବିନିଯୋଗ, ରୋଗପୋକର ପ୍ରାକୃତିକ ନିୟନ୍ତ୍ରଣ ଓ ପରିଚାଳନା

## ଜୈବିକ ଚାଷ ଉପକାରିତା



- ଏହା ଏକ ସୁରକ୍ଷିତ ଏବଂ ଦୀର୍ଘସ୍ଥାୟୀ ପଦ୍ଧତି । ଏହା ପରିବେଶକୁ ସନ୍ତୁଳିତ କରି ରଖୁଥାଏ ।
- ମାଟିରେ ଥିବା କ୍ଷୁଦ୍ର ତଥା ଅଣୁଜୀବମାନଙ୍କର ସଂରକ୍ଷଣ କରି ମାଟିର ଗୁଣାତ୍ମକ ମାନ ବଢ଼ାଇଥାଏ ।
- ଭୂତଳ ଜଳ ପ୍ରଦୂଷିତ ହୁଏ ନାହିଁ । ମୃତ୍ତିକା ଓ ଜଳର ସଂରକ୍ଷଣ ହୋଇଥାଏ । ମାଟିର ଉର୍ବରତା ରକ୍ଷା ହୋଇଥାଏ ।
- ମୃତ୍ତିକା, ଜଳ ଓ ବାୟୁକୁ ପ୍ରଦୂଷଣମୁକ୍ତ ରଖିଥାଏ । ଉନ୍ନତମାନ, ସ୍ୱାଦ ତଥା ସ୍ୱାସ୍ଥ୍ୟପ୍ରଦ ପୁଷ୍ଟିକର ଖାଦ୍ୟ ଉତ୍ପାଦିତ ହୋଇଥାଏ ।



ଜୈବିକ ସାର କହିଲେ ସାଧାରଣତଃ କମ୍ପୋଷ୍ଟ, ଜିଆଖତ, ସବୁଜସାର, ଜୀବାଣୁସାର, ନୀଳରହିତ ଶୈବାଳ ଓ ଆଜୋଲା ଆଦିକୁ ବୁଝାଏ । ସେହିପରି ବୃକ୍ଷଜାତ କୀଟନାଶକ ମଧ୍ୟରେ ରହିଛି ଧୂଆଁପତ୍ର, ବେଡୀ, ନିମ୍ବ, ବିଲାତି ନିମ୍ବ, ନାଗଆରୀ, ବେଗୁନିଆ, ଅରଖ, ଗଙ୍ଗଶିଉଳି, ବେଲ, ତୁଳସୀ, ସଦାବିହାରୀ, ରସୁଣ ଆଦିରୁ ପ୍ରସ୍ତୁତ ବିଭିନ୍ନ କୀଟନାଶକ । ବିଭିନ୍ନ ପରାଶ୍ରୟୀ କୀଟଗୁଡ଼ିକ ମଧ୍ୟରେ ଟ୍ରାଇକୋଗାମା, ବ୍ରାକନ, ଗୋନିଅଜସ୍ ଆଦି କୀଟ ଅନ୍ତର୍ଭୁକ୍ତ । ବୁଢ଼ିଆଣୀ, କଙ୍କି, ଶିକାରୀ ଜନ୍ଦା, ଡାହାଣୀ ପୋକ, ଇନ୍ଦ୍ରଗୋପୀ ଭୃଙ୍ଗ, ଆତତାୟୀ ପୋକ, ଶିକାରୀ ଝିଣ୍ଟିକା ଆଦି ପରଭୋଜୀ କୀଟଶ୍ରେଣୀର ଅନ୍ତର୍ଭୁକ୍ତ ।

## କମ୍ପୋଷ୍ଟ:

ବିଭିନ୍ନ ପ୍ରକାରର ଜୈବିକ ପଦାର୍ଥ ଓ ମଇଳା ଆବର୍ଜନା ସଢ଼ିବା ଦ୍ୱାରା କମ୍ପୋଷ୍ଟ ତିଆରି ହୋଇଥାଏ । ଗଛ ଯେଉଁସବୁ ଖାଦ୍ୟସାର ଆବଶ୍ୟକ କରିଥାଏ ସେସବୁ ଅଳ୍ପ ବହୁତେ ଏହି କମ୍ପୋଷ୍ଟରେ ଥାଏ । କମ୍ପୋଷ୍ଟ ସାର ପ୍ରସ୍ତୁତ ପାଇଁ ଦରକାରୀ ପଦାର୍ଥ ଯଥା- ପତ୍ର, ଛୋଟଛୋଟ ଡାଳ, ଲତା, କୁଟା, ଫସଲର ବଳକା ଅଂଶ, ଅଳିଆ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ବର୍ଜ୍ୟବସ୍ତୁକୁ ବ୍ୟବହାର କରାଯାଏ ।



## ଜିଆଖତ:

ଏହି ଜିଆଖତ ଭର୍ମି କମ୍ପୋଷ୍ଟ ଭାବେ ପରିଚିତ । ଏହା ଏକ ଉନ୍ନତମାନର କମ୍ପୋଷ୍ଟ ଯାହା ଜିଆଗୁଡ଼ିକ ଦ୍ୱାରା ପ୍ରସ୍ତୁତ ହୋଇଥାଏ । ବିଭିନ୍ନ ପ୍ରକାର ଫସଲର ବର୍ଜ୍ୟବସ୍ତୁ, ପନିପରିବା ଚୋପା, ଘାସ, ସଢ଼ା ଗୋବର ଆଦି ଜିଆମାନଙ୍କୁ ଖାଇବାକୁ ଦେଇ ସେମାନେ ଏହି ଆବର୍ଜନାକୁ ଖାଇ ଜିଆଖତ ତିଆରି କରନ୍ତି । ଜିଆଖତରେ ସାଧାରଣ କମ୍ପୋଷ୍ଟ ଅପେକ୍ଷା ଅଧିକ ଖାଦ୍ୟସାର ଥାଏ ।



## ସବୁଜ ସାର:

ମୁଖ୍ୟ ଫସଲ ବୁଣିବା ଓ ରୋଇବା ପୂର୍ବରୁ ଧଣିଚା, ବରଗୁଡ଼ି, ଛଣପଟ, ମୁଗ, ବିରି, କୋଳଥ, ଖେସାରି ଆଦି ଡାଲି ଫସଲକୁ କଅଁଳ ସବୁଜ ଅବସ୍ଥାରେ ମାଟିରେ ମିଶାଇ ମାଟିର ଉର୍ବରତା ବଢ଼ାଇବାକୁ ସବୁଜ ସାର ପ୍ରୟୋଗ କୁହାଯାଏ । ସବୁଜ ସାର ପାଇଁ ଧଣିଚା, ମୁଗ, ବିରି ହେକ୍ଟର ପିଛା ୩୦-୪୦ କି.ଗ୍ରା. ବିହନକୁ ପହିଲି ବର୍ଷାରେ ଜମି ହଳ କରି ବୁଣି ଦିଆଯାଏ । ଗଛ ୪୦-୫୦ ଦିନ ହୋଇଗଲେ ବିଲରେ ୫-୧୦ ସେ.ମି. ପାଣି ରଖି ଏହାକୁ ହଳ କରି ମାଟିରେ ମିଶାଇ ଦିଆଯାଏ । ସେହିପରି ଅଣଡାଲି ଜାତୀୟ ଫସଲ ଯଥା- ସୁବାବୁଲ, ଚାକୁଣ୍ଡା, ଅଗସ୍ତି ଆଦି ଗଛର ପତ୍ରକୁ କାଟିଆଣି ଏକର ପ୍ରତି ୪-୫ ଟନ୍ ଜମିରେ ପକାଇ ମିଶାଇ ଦିଆଯାଏ । ଏହାକୁ ପତ୍ରସାର କୁହାଯାଏ । ଏହି ସବୁଜ ସାରରେ ସାଧାରଣତଃ ହେକ୍ଟର ପ୍ରତି ଜମିକୁ ୪୦ କି.ଗ୍ରା. ଯବକ୍ଷାରଜାନ ମିଳିଥାଏ ।

